## ସଂକ୍ଷେପରେ

### ୨୬ରେ ଓକିଲ ସଂଘ ନିର୍ବାଚନ



**ବଇଣ୍ଡା, ୭।୩(ଡି.ଏନ.ଏ.):** ଆଠମଲ୍ଲିକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ହୋଇଛି। ଆସନ୍ତା ୨୬ ତାରିଖରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି ପଦ ପାଇଁ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଏଥର ମଧ୍ୟ ନାମାଙ୍କନ ଦାଖଲ କରିଥିବା ଜଣାଯାଇଛି। ନିର୍ବାଚନ ଅଧିକାରୀ ଅନ୍ତର୍ଯ୍ୟାମୀ ରାଉଳଙ୍କଠାରେ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୋଟ୍ ଉପରେ ସଭାପତି ପଦ ପାଇଁ ୨ଜଣ, ଉପସଭାପତି ପଦ ପାଇଁ ୨ ଜଣ, ସମ୍ପାଦକ ପଦବୀ ପାଇଁ ୨, ସହସମ୍ପାଦକ ପାଇଁ ୨ ଜଣ ଓ କୋଷାଧ୍ୟକ୍ଷ ଏବଂ ଲାଇବ୍ରେରିଆନ ପଦ ପାଇଁ ୨ଜଣ ଏଭଳି ମୋଟ ୧୦ ଜଣ ନାମାଙ୍କନ ଦାଖଲ କରିଥିବା ନିର୍ବାଚନ ଅଧିକାରୀ ରାଉଳ ସୂଚନା ଦେଇଛନ୍ତି।

### ୧୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୭।୩:** ଅନୁଗୋଳ ଜିଲାରୁ ସୋମବାର ୧୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୫୩୩ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୫ଜଣ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୩, ତାଳଚେର ବ୍ଲକ ଅଞ୍ଚଳରୁ ୩ ଓ କଣିହାଁ ବ୍ଲକରୁ ୨ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୩୫ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୮ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବା ବେଳେ ୧୭ ଲକ୍ଷ ୩୫ ହଜାର ୧୫୯ ଜଣଙ୍କୁ ଟିକା ଦିଆଯାଇଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଛେଣ୍ଡିପଦା,୭।୩ (ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ ବାଗଡିଆ ପଞ୍ଚାୟତ ବଣିଆନଟି ଗ୍ରାମର ପ୍ରଦୀପ ମାଝି(୫୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ରବିବାର ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଫେରୁଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବନବିଭାଗ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଘଟଣାସ୍ଥଳ ବୁଲି ଦେଖିଲେ ଡିଏଫ୍‌ଓ

**ଖମାର,୭।୩(ଡି.ଏନ.ଏ.):** ଦେବଗଡ଼ ଏବଂ ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଖମାର ଓ କଣିହାଁ ବନାଞ୍ଚଳ ସୀମାନ୍ତବର୍ତ୍ତୀ ଦଣ୍ଡା ସଂରକ୍ଷିତ ଜଙ୍ଗଲରେ ଏକ ବାଘ ପାଦ ଚିହ୍ନ ନେଇ କିଛିଦିନ ହେଲା ଆଖପାଖ ଅଞ୍ଚଳରେ ଭୟର



ବାତାବରଣ ଖେଳିଯାଇଛି। ଖମାର ଏବଂ ସାତକୋଶିଆ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଉକ୍ତ ପାଦ ଚିହ୍ନ ଅନୁଧ୍ୟାନ କରିବା ସହ ସୀମାବର୍ତ୍ତୀ ଗ୍ରାମଗୁଡିକର ଲୋକଙ୍କୁ ସତର୍କ ଏବଂ ସଚେତନ ରହିବାକୁ କହିଛନ୍ତି। ଅନ୍ୟପଟେ ଏହିସବୁ ଅଞ୍ଚଳରେ ବାଘ ବୁଲୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲେ ହେଁ ତାହା ଓଡ଼ିଶାର ନୁହେଁ ବୋଲି ବନବିଭାଗ ସ୍ପଷ୍ଟ କରିଛି। ଏସବୁ ସ୍ଥିତିରେ ଅନୁଧ୍ୟାନ କରିବାକୁ ଦେବଗଡ଼ ଡିଏଫ୍‌ଓ ଖମାର ରେଞ୍ଜ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏପରି କି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ କ୍ୟାମେରା ଲଗାଯିବା ସହ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଡିଏଫ୍‌ଓ ମଗର ଧନଜି ରାଓ ସୂଚନା ଦେଇଛନ୍ତି।

### କଖାରୁ ଖାଇଲେ, ଚାଳ ଛପର ଭାଙ୍ଗିଲେ

**ଖମାର,୭।୩(ଡି.ଏନ.ଏ.):** ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ବ୍ରାହ୍ମଣବେଡିଆ ଗ୍ରାମରେ ରବିବାର ରାତିରେ ହାତୀ ଉପଦ୍ରବ କରିଛନ୍ତି। ୨୫ରୁ ଊର୍ଦ୍ଧ୍ୱ ହାତୀପଲ ଗ୍ରାମାଭିମୁଖୀ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ବ୍ରାହ୍ମଣବେଡିଆ ଗାଁର ଦୋଳଗୋବିନ୍ଦ ବେହେରାଙ୍କ ପରିବା ଫସଲ ଏବଂ ଚାଳ ଛପର ଘରକୁ ହାତୀପଲ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ହାତୀପଲ ହିମାଂଶୁ ସାହୁଙ୍କ କୁକୁଡ଼ା ଫାର୍ମକୁ ଯାଇ ଦାନା ଖାଇ ଦେଇଛନ୍ତି। କିଛି ଦୂରରେ ଦୁଃଶାସନ ସାହୁଙ୍କ ବାଡ଼ିରେ ପଶି ଫସଲ ନଷ୍ଟ କରଛନ୍ତି। ଏ ନେଇ ଗ୍ରାମବାସୀ ଫରେଷ୍ଟରଙ୍କୁ ଜଣାଇଥିଲେ। ଖବରପାଇ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ପହଞ୍ଚି ହାତୀପଲଙ୍କୁ ଘଉଡାଇଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପଦାରେ ପଡ଼ିଲା କଂଗ୍ରେସର ଦୁର୍ବଳତା

**ଅନୁଗୋଳ ଅଫିସ,୭।୩**

ପୌର ନିର୍ବାଚନକୁ ନେଇ ଅନୁଗୋଳ ରାଜନୀତି ସରଗରମ୍ ହୋଇପଡ଼ିଛି। ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ ଥିବାବେଳେ ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ସୋମବାର ବିଜେଡି, ଭାଜପା ଓ କଂଗ୍ରେସ ସହ ଅନ୍ୟ ଦଳରୁ ମୋଟ ୫୮ଟି ନାମାଙ୍କନପତ୍ର ଦାଖଲ କରାଯାଇଛି। ଏହାକୁ ମିଶାଇ ୨୩ଟି ୱାର୍ଡର କାଉନସିଲର ପଦବୀ ପାଇଁ

- ଅନୁଗୋଳର ସବୁ ୱାର୍ଡରେ ଦେଇପାରିଲାନି ପ୍ରାର୍ଥୀ
- ଶେଷ ଦିନରେ ବିଭିନ୍ନ ଦଳରୁ ୫୮ ନାମାଙ୍କନପତ୍ର ଦାଖଲ
- ପୌରାଧ୍ୟକ୍ଷ ପାଇଁ ୧୧, କାଉନସିଲର ନିମନ୍ତେ ୮୦ ପ୍ରାର୍ଥିପତ୍ର

୮୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୌରାଧ୍ୟକ୍ଷ ପାଇଁ ୧୧ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ସୂଚନା ମିଳିଛି। ବିଜେଡି ଓ ଭାଜପା ୨୩ଟି ୱାର୍ଡ ସହ ଅଧ୍ୟକ୍ଷ ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ଏ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ କରିଛି। ଦଳ ଅଧ୍ୟକ୍ଷ ପ୍ରାର୍ଥୀ ଦେଇଥିଲେ



ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀମାନେ ନାମାଙ୍କନ ପାଇଁ ଯାଉଛନ୍ତି।

ମଧ୍ୟ ସମସ୍ତ ୱାର୍ଡରେ ପ୍ରାର୍ଥୀ ଦେଇପାରି ନାହିଁ। ଫଳରେ କଂଗ୍ରେସର ଗଡ଼ କୁହାଯାଉଥିବା ଅନୁଗୋଳ ପୌରାଞ୍ଚଳରେ ଦଳର ଦୁର୍ବଳତା ପଦାରେ ପଡ଼ିଯାଇଥିବା ଚର୍ଚ୍ଚା ହେଉଛି।

୪୩ ହଜାର ୭୯୫ ଲୋକ ସଂଖ୍ୟା ବିଶିଷ୍ଟ ଅନୁଗୋଳ ପୌରପରିଷଦରେ ମୋଟ୍ ୨୩ଟି ୱାର୍ଡ ରହିଛି। ୨୦୧୩ରେ ଏଠାରେ ଶେଷଥର ପାଇଁ ପୌର ନିର୍ବାଚନ ହୋଇଥିଲା। ସେତେବେଳେ କଂଗ୍ରେସ ଏକାକୀ ୧୪ଟି ୱାର୍ଡରେ ବିଜୟୀ ହୋଇଥିବାବେଳେ ବିଜେଡିକୁ ଅବଶିଷ୍ଟ ୯ ୱାର୍ଡ ମିଳିଥିଲା। ସେହିପରି ୨୦୦୮ରେ ମଧ୍ୟ କଂଗ୍ରେସ ୧୨ଟି ଓ ବିଜେଡି ୯ ୱାର୍ଡରେ ସୀମିତ ରହିଥିଲା। ଭାଜପାକୁ ମାତ୍ର ଗୋଟିଏ ୱାର୍ଡରେ ବିଜୟ ମିଳିଥିଲା। ଫଳରେ ଅନୁଗୋଳ ପୌରାଞ୍ଚଳ କଂଗ୍ରେସର ଗଡ଼ ବୋଲି ଦଳ ପକ୍ଷରୁ ଦାବି କରାଯାଇ ଆସୁଥିଲା। କିନ୍ତୁ ଚଳିତ ପୌର ନିର୍ବାଚନରେ କଂଗ୍ରେସ ସେହି ଗଡ଼ ରକ୍ଷା କରିପାରିବ କି ନାହିଁ, ସେ ନେଇ କର୍ମୀ ମହଲରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। କାରଣ ଗତ ୨ ତାରିଖରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇ ୭ ତାରିଖରେ ଶେଷ ହୋଇଥିଲେ ମଧ୍ୟ ଦଳ ସବୁ ୱାର୍ଡରେ ପ୍ରାର୍ଥୀ ଦେଇପାରିନାହିଁ। ୨୩ ୱାର୍ଡ ମଧ୍ୟରୁ ୪, ୧୦, ୧୫ ଓ ୨୦ ନମ୍ବର ୱାର୍ଡକୁ ବାଦ୍ ଦେଇ ବାକି ୧୯ଟିରେ ଦଳୀୟ କାଉନସିଲର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୬ ତାରିଖରେ ଦଳର ଅଧ୍ୟକ୍ଷ ପ୍ରାର୍ଥୀ ବଳବିର ସିଂଙ୍କ ସହ ୮ଜଣ କାଉନସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୭ ତାରିଖରେ ଆଉ ୧୧ ଜଣ କାଉନସିଲର ପଦବୀ ପାଇଁ ନାମାଙ୍କନ ଫର୍ମ ଭରିଛନ୍ତି। ସେହିପରି କଂଗ୍ରେସ ଛାଡ଼ି ବିଜେଡି ହାତ ଧରିଥିବା ପୂର୍ବତନ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ବିଜେଡି ପକ୍ଷରୁ ପୌରାଧ୍ୟକ୍ଷ ପ୍ରାର୍ଥୀ ହୋଇଛନ୍ତି। ସାମନ୍ତଙ୍କ ସହ ୧ନଂ. ୱାର୍ଡରୁ ବିଜେଡିର କାଉନସିଲର ପ୍ରାର୍ଥୀ ସୁକାନ୍ତି ଦାସ ୬ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୭ ତାରିଖରେ ୨୨ଜଣ କାଉନସିଲର ପ୍ରାର୍ଥୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ ଦିଲୀପ ପ୍ରଧାନ ଅଧ୍ୟକ୍ଷ ପ୍ରାର୍ଥୀ ଓ ୨୩ ୱାର୍ଡ ପାଇଁ ୨୩ ଜଣ କାଉନସିଲର ପ୍ରାର୍ଥୀ ଦିଆଯାଇଛି। ଆମ୍ ଆଦ୍‌ମି ପାର୍ଟି ପକ୍ଷରୁ ବାପୁଜୀ ପ୍ରଧାନ ଅଧ୍ୟକ୍ଷ ପ୍ରାର୍ଥୀ ହୋଇଛନ୍ତି। ତେବେ ସମସ୍ତ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରିବା ସମ୍ପର୍କରେ ଓବିସି ସେଲ୍ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ଅନ୍ୟ ଦଳର ଚକ୍ରାନ୍ତ ଯୋଗୁ ଏପରି ହୋଇଛି। ଏହାକୁ କଂଗ୍ରେସ ନିନ୍ଦା କରିବା ସହ ତର୍ଜମା କରୁଛି।

# ଆଠମଲ୍ଲିକ: ଅଧ୍ୟକ୍ଷା ପଦ ଲାଗି ୫ ନାମାଙ୍କନ

**ବଇଣ୍ଡା/ ମାଧପୁର,୭।୩(ଡି.ଏନ.ଏ.)**

ଆଠମଲ୍ଲିକ ଏନ୍‌ଏସି ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ ସରିଛି। ଶେଷ ଦିନରେ ଅଧ୍ୟକ୍ଷା ପଦ ପାଇଁ ୨ ଜଣ ଓ କାଉନସିଲର ନିମନ୍ତେ ୨୪ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଅଧ୍ୟକ୍ଷା ପଦ ପାଇଁ ୩ ଓ କାଉନସିଲର ନିମନ୍ତେ ୧୭ ପ୍ରାର୍ଥିପତ୍ର ପଡ଼ିଥିଲା। ତେଣୁ ମୋଟ୍ ୪୬ ପ୍ରାର୍ଥିପତ୍ର ମଧ୍ୟରୁ ଅଧ୍ୟକ୍ଷା ପଦବୀ ନିମନ୍ତେ ୫ ଜଣ ଓ କାଉନସିଲର ପଦବୀ ପାଇଁ ୪୧ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ସୂଚନା ମିଳିଛି।

ଆଠମଲ୍ଲିକ ଏନ୍‌ଏସିରେ ୧୧ ୱାର୍ଡ ଥିବାବେଳେ ଲୋକ ସଂଖ୍ୟା ହେଉଛି ୯ ହଜାର ୭୮୧। ୨୦୧୩ ପୌର ନିର୍ବାଚନରେ ଏଠାରେ କଂଗ୍ରେସ ୧୦ ୱାର୍ଡରେ ବିଜୟୀ ହୋଇଥିଲା। ତେଣୁ ଚଳିତବର୍ଷ କଂଗ୍ରେସ ଉକ୍ତ ସଫଳତା ବଜାୟ ରଖିବା ଆଶାରେ ରହିବା ସହ ଅଧ୍ୟକ୍ଷା ପଦବୀ ପାଇଁ ରଞ୍ଜିତା ସିଂଙ୍କୁ ପ୍ରାର୍ଥୀ କରିଛି। ସେହିପରି ବିଜେଡି ପକ୍ଷରୁ ଆଶା କୁମାରୀ ସାହୁ, ଭାଜପାରୁ ଯୋଗମାୟା ପ୍ରିୟଦର୍ଶିନୀ ମହାପାତ୍ର ଏବଂ ସ୍ୱାଧୀନ ଭାବେ ନିହାର ହୋତା ଓ ସରଜୁ ସିଂ ସାମନ୍ତ ଅଧ୍ୟକ୍ଷା ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡିର ଆଶାକୁମାରୀ ଏକ ଶୋଭାଯାତ୍ରାରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କ ଗ୍ରହଣରେ ଆସି ନାମାଙ୍କନର ଶେଷ ଦିନରେ ତହସିଲଦାର ସୋଫି ସାଇନିକାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କାଉନସିଲର ପଦବୀ ପାଇଁ ସୋମବାର ବିଭିନ୍ନ ଦଳରୁ ୨୪ ଜଣ ନାମାଙ୍କନ ଭରିଛନ୍ତି।



ନାମାଙ୍କନପତ୍ର ଦାଖଲ ପାଇଁ ବିଜେଡି ନେତାଙ୍କ ସହ ଶୋଭାଯାତ୍ରାରେ ଆସୁଛନ୍ତି ଆଶା କୁମାରୀ ସାହୁ।

# ଢେଙ୍କାନାଳ, କାଦବାହାଲ ବିଜୟୀ

## ଦ୍ୱିତୀୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ,୭।୩**

ଢେଙ୍କାନାଳ ଷ୍ଟାଡିୟମଠାରେ ଦ୍ୱିତୀୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି । ଜିଲା ପ୍ରଶାସନ ଏବଂ ଓଡ଼ିଶା ନାଭାଲ ଟାଟା ହକିର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ୧୩ ପର୍ଯ୍ୟନ୍ତ ଚାଲିବ। ଓଡ଼ିଆ ନାଭାଲ ହକି ହାଇ ପରଫର୍ମାନ୍ସ ସେଣ୍ଟର ଦ୍ୱାରା ୩ଟି ସେଣ୍ଟରରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସମ୍ବଲପୁରର ଦାନ୍ତିରୀ, ମଝିପଡ଼ା, ଗଞ୍ଜାମ ଜିଲାର ଛତ୍ରପୁର, ନୟାଗଡ ଜିଲାର ରଣପୁର, ସୁନ୍ଦରଗଡ ଜିଲାର ଅଲଣ୍ଡା, କାଦବାହାଲ ଏବଂ ଢେଙ୍କାନାଳ ଜିଲା ଅଂଶଗ୍ରହଣ କରିଛି। ଉଭୟ ବାଳକ ଏବଂ ବାଳିକା ବର୍ଗରେ ମ୍ୟାଚ୍ ଖେଳାଯାଉଛି। ସୋମବାର ବାଳିକା ବିଭାଗର ମ୍ୟାଚରେ ଢେଙ୍କାନାଳ ଦଳ ଛତ୍ରପୁରକୁ ୯–୦, କାଦବାହାଲ ଦଳ ରଣପୁରକୁ ୮–୦ ଗୋଲରେ ପରାସ୍ତ କରିଥିଲା। ମଝିପଡ଼ା ଏବଂ ଆଲଣ୍ଡା ମଧ୍ୟରେ ଆୟୋଜିତ ମ୍ୟାଚ୍ ଫଳାଫଳ ଶୂନ୍ୟ ରହିଥିଲା। ସେହିପରି ବାଳକ ବିଭାଗରେ ଢେଙ୍କାନାଳ–ଛତ୍ରପୁରକୁ ୮–୦, କାଦବାହାଲ ଦଳ ରଣପୁରକୁ ୨୨–୦ ଗୋଲରେ ପରାସ୍ତ କରିଛି। ମଝିପଡ଼ା ଓ ଆଲଣ୍ଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧–୧ ଗୋଲ୍‌ରେ ଅମିମାଂସିତ ରହିଥିଲା। ତେବେ ମଙ୍ଗଳବାର ଟୁର୍ନାମେଣ୍ଟ ଉଦ୍‌ଘାଟନ ହେବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ, ସମ୍ମାନିତ ଅତିଥି ଜିଲାପାଳ ସରୋଜ କୁମାର ସେଠୀ, ଟାଟା ନାଭାଲ ହକି କେନ୍ଦ୍ରର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ପ୍ରମୁଖ ଯୋଗଦେବେ। ପ୍ରତିଯୋଗିତାରେ ୩ ଜୋନ୍‌ର ୨୫୦ ପ୍ରତିଯୋଗୀ, ୧୦ ରେଫରି, ୧୪ କୋଚ୍ ଏବଂ ମ୍ୟାନେଜର ଯୋଗଦେଇଛନ୍ତି। ସକାଳ ୬ଟାରୁ ପୂର୍ବାହ୍ନ ୯ଟା ବାଳିକା ବର୍ଗ ଏବଂ ଅପରାହ୍ନ ୧ରୁ ୪ଟା ଯାଏ ବାଳକ ବିଭାଗରେ ମ୍ୟାଚ ଖେଳାଯିବ। ମୋଟ ୪୨ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଚାଷୀଙ୍କୁ ମିଳୁନି ଋଣ, ଅସନ୍ତୋଷ

## ନାହାନ୍ତି ବ୍ୟାଙ୍କ ଶାଖା ପରିଚାଳକ

**ବଇଣ୍ଡା,୭।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କରେ ସ୍ଥାୟୀ ଶାଖା ପରିଚାଳକ ନିଯୁକ୍ତ ହେଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ ଦାବିରେ ବଇଣ୍ଡା ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଏହି ବ୍ୟାଙ୍କ ଉପରେ କିଶୋରନଗର ବ୍ଲକର ଲୁହାମୁଣ୍ଡା, ହଣ୍ଡପା, ଉରୁକୁଳା, ରଣିଆକଟା,ବାମୁର, ଧଡରପାଳ, ହିମିତିରା, ଅଙ୍ଗପଡା ଆଦି ସେବା ସମବାୟ ସମିତିର ଚାଷୀଙ୍କ ସହ ବହୁ ଲୋକ ନିର୍ଭର କରନ୍ତି। ହେଲେ ମାସେ ହେବ ଶାଖା ପରିଚାଳକ ନିଯୁକ୍ତ ହେଉ ନ ଥିବା ଯୋଗୁ କାରବାରରେ ଅସୁବିଧା ସୃଷ୍ଟି ହେଉଛି। ବିଶେଷକରି ୨୩ ପଞ୍ଚାୟତର ଧାନ ଚାଷୀମାନେ ଋଣ ପାଇପାରୁ ନାହାନ୍ତି। ସେହିପରି ଟଙ୍କା ରଖିଥିବା ଜମାକାରୀ ୫୦ ହଜାରରୁ ଅଧିକ ଟଙ୍କା ଉଠାଣ କରିପାରୁ ନାହାନ୍ତି। ଉକ୍ତ ବ୍ୟାଙ୍କରୁ ଗତ ଜାନୁୟାରୀ ୬ ତାରିଖ ରାତିରେ ୮ ଲକ୍ଷ ୯୧ ହଜାର ଚୋରି ହୋଇଥିଲା। ଏହାପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଜାନୁୟାରୀ ୩୧ରେ ତରବରିଆ ଭାବେ ବଦଳି କରିଦିଆଯାଇଥିଲା। ସେବେଠାରୁ ଏହି ବ୍ୟାଙ୍କ ଦାୟିତ୍ୱ ଆକାଉଣ୍ଟାଣ୍ଟ ଜିତାଂଶୁ ମିଶ୍ରଙ୍କୁ ଦିଆଯାଇଛି। ହେଲେ ଚାଷୀଙ୍କୁ ଋଣ ମିଳୁନାହିଁ ବୋଲି ବରିଷ୍ଠ ନାଗରିକ ଭଗବାନ ଘିୱାଲା, ରମାକାନ୍ତ ବେହେରା, ଜିତେନ୍ଦ୍ର ବେହେରା, ସୁନୀଲ ପ୍ରଧାନ, ମାନସ କୁମାର ସାହୁ, ସମୀର ପ୍ରଧାନ, ରଞ୍ଜନ ପ୍ରଧାନ, ପରିକ୍ଷିତ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଭକ୍ତିଶ୍ୱର ମହାଳିକ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ଶୀଘ୍ର ଶାଖା ପରିଚାଳକ ନିଯୁକ୍ତ କରାଯିବ।

# ଶେଷ ଦିନରେ ପଡ଼ିଲା ୫୫ ପ୍ରାର୍ଥିପତ୍ର

**ତାଳଚେର, ୭।୩(ନି.ପ୍ର.)**

ତାଳଚେର ପୌର ପରିଷଦ ନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ୨ରୁ ୭ ତାରିଖ ଯାଏ ପ୍ରାର୍ଥିପତ୍ର ଦାଖଲ ସମୟସୀମା ରହିଥିବାରୁ ଶେଷ ଦିନରେ ୫୫ ଜଣ ନାମାଙ୍କନ ଭରିଛନ୍ତି। ପୂର୍ବରୁ ୨୪ଜଣଙ୍କୁ ମିଶାଇ

## ତାଳଚେର ପୌର ପରିଷଦ ନିର୍ବାଚନ

ମୋଟ ୭୯ ପ୍ରାର୍ଥିପତ୍ର ଦାଖଲ ହୋଇଛି। ସେଥିରୁ ଅଧ୍ୟକ୍ଷ ପଦ ପାଇଁ ୬ ଜଣ ଓ କାଉନସିଲର ପାଇଁ ୭୩ ଜଣ ରହିଛନ୍ତି।

୨୮ ହଜାର ୪୮୧ ଜନସଂଖ୍ୟା ଥିବା ତାଳଚେର ପୌର ପରିଷଦରେ ରହିଛି ୨୧ଟି ୱାର୍ଡ। ଚଳିତବର୍ଷ ପ୍ରଥମ ଥର ପାଇଁ ସିଧାସଳଖ ପୌର ଅଧ୍ୟକ୍ଷ ନିର୍ବାଚନ ହେଉଥିବାରୁ ଏଥିପାଇଁ ୬ ଜଣ ପ୍ରାର୍ଥିପତ୍ର



ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ପବିତ୍ର ଭୂତିଆ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ଦାଖଲ କରିଛନ୍ତି। ବିଜେଡିରୁ ପୂର୍ବତନ ଅଧ୍ୟକ୍ଷ ପବିତ୍ର ଭୂତିଆ, ଭାଜପାରୁ ଯଯାତି ପଟ୍ଟନାୟକ, କଂଗ୍ରେସରୁ ମାନସ ରଞ୍ଜନ ବାଇ ଓ ସ୍ୱାଧୀନ ଭାବେ ବସନ୍ତ କୁମାର ସାହୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟିରୁ ରଞ୍ଜିତ ମହାପାତ୍ର ଓ ସ୍ୱାଧୀନ ଭାବେ ପୀତାମ୍ବର ଦାସ ପ୍ରାର୍ଥିପତ୍ର ଦାଖଲ କରିସାରିଥିବାରୁ ପୌର ଅଧ୍ୟକ୍ଷ ପଦବୀ ପାଇଁ ମୋଟ୍ ୬ଟି ପ୍ରାର୍ଥିପତ୍ର ଦାଖଲ ହୋଇଛି। ସେହିପରି ୨୧ଟି ୱାର୍ଡର କାଉନସିଲର ପଦବୀ ପାଇଁ ବିଜେଡି, ଭାଜପା, କଂଗ୍ରେସ, ଆପ୍ ଓ ସ୍ୱାଧୀନରୁ ୭୩ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ଆତ୍ମନିର୍ଭର ତାଲିମ ଚିହ୍ନଟ ଶିବିର

**କଣିହାଁ,୭।୩(ଡି.ଏନ.ଏ.)**

କଣିହାଁ ବ୍ଲକ ପରିସରରେ ସୋମବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାରେ ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଏକ ତାଲିମ ପ୍ରଦାନ ପାଇଁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ସଂଯୋଜକ ଉମାକାନ୍ତ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ପୋଗ୍ରାମ ସଂଯୋଜକ ବିଶ୍ୱଭୂଷଣ କର, ସ୍କିଲ୍ କୋଅର୍ଡିନେଟର ଶ୍ରୀପତି ଭୂତିଆ, ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ବ୍ଲକ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଇଚ୍ଛୁକ ପ୍ରାର୍ଥୀ ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବିଭାଗରେ ତାଲିମ ପ୍ରାଦନ ନିମନ୍ତେ ଶତାଧିକ ଯୁବତୀଯୁବକ ମନୋନୀତ ହୋଇଛନ୍ତି। ରାଜ୍ୟରେ ଥିବା ୭ଟି ତାଲିମ ପ୍ରଦାନକାରୀ ସଂସ୍ଥାର ପଦାଧିକାରୀ ଯୋଗଦେଇ ଚିହ୍ନଟ ପ୍ରକ୍ରିୟାରେ ଉପସ୍ଥିତ ରହି ଚୟନ କରିଥିଲେ।



ଚିହ୍ନଟ ଶିବିରରେ ଯୋଗ ଦେଇଥିବା ଯୁବତୀ ଯୁବକମାନେ।

# ଜନପ୍ରତିନିଧିଙ୍କୁ ଗାଁରେ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଜନପ୍ରତିନିଧି ଓ କମିଟି କର୍ମକର୍ତ୍ତା।

**ଛେଣ୍ଡିପଦା,୭।୩(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ ନବନିର୍ବାଚିତ ପ୍ରାର୍ଥୀମାନଙ୍କୁ ରବିବାର ଗ୍ରାମ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୧୫ନଂ ଜୋନ ଭାଜପା ଜିଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ ଓ ସମିତିସଭ୍ୟା ଅମିତା ପ୍ରଧାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିଶେଷ ଭାବେ ଦୃଷ୍ଟି ଦିଆଯିବ ବୋଲି ବିଜୟୀ ପ୍ରାର୍ଥୀମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ସମ୍ପାଦକ ରବୀନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ, ମନ୍ଦିର ପରିଚାଳନା କମିଟି ସଭାପତି ଲମ୍ବୋଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୮ କୋଇଲା ଟ୍ରକ୍‌କୁ ଜରିମାନା

**ପବିତ୍ରନଗର,୭।୩(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ୮ଟି କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ ସୂଚନା ମୁତାବକ ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବାବେଳେ ଚୋରା କୋଇଲା ପରିବହନ କରୁଥିବା ସନ୍ଦେହରେ ବଲାଙ୍ଗୀ ନିକଟରୁ ଗାଡିଗୁଡିକୁ ଥାନାକୁ ଅଣାଯାଇଥିଲା। ସୋମବାର ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସ ଯାଞ୍ଚ କରିବା ପରେ ଗାଡିଗୁଡିକର ପାସ୍ ଅନ୍ୟ ରାସ୍ତାରେ ଯିବାକୁ ଥିବାବେଳେ ଭୁଲ ରାସ୍ତାରେ ଯାଉଥିଲେ। ରଙ୍ଗ ରୁଟ୍ ପରିବହନକୁ ନେଇ ଗାଡି ଗୁଡିକୁ ୧୯ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ୭ଟି ଟ୍ରକ୍ ଜରିମାନା ଦେଇ ଯାଇଥିବାବେଳେ ଗୋଟିଏ ଗାଡିର କାଗଜପତ୍ର ଠିକ ନ ଥିବାରୁ ଅଟକ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରକାଶ କରିଛନ୍ତି।

# ବାହୁଡ଼ିଲେ ମା’ ହିଙ୍ଗୁଳା, ବାଟମଙ୍ଗଳା



**କଣିହାଁ,୭।୩(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ଓ ମା’ ସନ୍ତୋଷୀ ମନ୍ଦିର ପରିସରରେ ସୋମବାର ହିଙ୍ଗୁଳା ଓ ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଗତ ମହାଶିବରାତ୍ରି ତଥା ୩୨ତମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବାପଘର ଆଖଣ୍ଡଳମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା’ ବାଟମଙ୍ଗଳାଙ୍କୁ ମନ୍ଦିରର ମୁଖ୍ୟସେବକ ଆକୁଳ ପଣ୍ଡା ଆମନ୍ତ୍ରଣ କରି ଆଣିଥିଲେ। ପୂଜକ ଅନନ୍ତ ମିଶ୍ର ବିଦାୟ ପର୍ବର ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ କରିବା ପରେ ଶୋଭାଯାତ୍ରାରେ ଭକ୍ତମାନେ ବାଟମଙ୍ଗଳାଙ୍କୁ ନେଇ ନିଜ ମନ୍ଦିରରେ ଛାଡିଥିଲେ। ପରେ ମା’ ହିଙ୍ଗୁଳାଙ୍କୁ ନେଇ ତାଳଚେର ଗୋପାଳପ୍ରସାଦ ଯାଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାନୀୟ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

**ଅନୁଗୋଳ ଅଫିସ,୭।୩**

ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ଛେଣ୍ଡିପଦା ଓ ବଣ୍ଡରପାଳ ବ୍ଲକରେ ଜିଲା ଖଣିଜ ପାଣ୍ଠିରେ ପ୍ରତିଷ୍ଠା ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଚାଲୁଥିବା ପ୍ରକଳ୍ପର ଯନ୍ତ୍ରାଂଶ ଓ ପାଇପ୍ ଖରାପ ଥିବାରୁ ଏହାର



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ତୁରନ୍ତ ମରାମତି ନିମନ୍ତେ ପରାମର୍ଶ ଦିଆଯାଇଥିଲା। ପାଲଲହଡାରେ ପାଣି ପାଇପ୍ ଉପରେ ଅନ୍ୟ ଏକ କମ୍ପାନୀର ପାଇପ୍ ଯାଇଥିବାରୁ କ୍ଷତିଗ୍ରସ୍ତ ପାଇପ ବଦଳାଇବାକୁ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ନିଜ ପାଇପ୍ ଉକ୍ତ ସ୍ଥାନରୁ ହଟାଇବାକୁ କୁହାଯାଇଥିଲା। ନୂଆ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରି ଜଳ ଯୋଗାଣ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବିଭିନ୍ନ ପ୍ରକଳ୍ପର ବକେୟା ପାଉଣା ତୁରନ୍ତ ପରିଶୋଧ କରି ବିନିଯୋଗ ପ୍ରମାଣପତ୍ର ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ତାଳଚେର ଷ୍ଟାଡିୟମ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ଟେଣ୍ଡର ଆହ୍ୱାନ କରିବାକୁ କୁହାଯାଇଥିଲା। ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଜିଇଡି, ବିଦ୍ୟୁତ୍, ଉଦ୍ୟାନ ଓ ଉଠା ଜଳସେଚନ ଆଦି ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଉପସ୍ଥିତ ଥିଲେ।

## ସୁଇଟ୍ କର୍ନ ଚାଷ ଉଜାଡ଼ିଲେ ହାତୀ

**ଢେଙ୍କାନାଳ ଅଫିସ, ୭।୩:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇସିଙ୍ଗା ଗ୍ରାମକୁ ଗତ ରବିବାର ରାତିରେ ପଶି ଆସିଥିବା ୩ଟିକିଆ ହାତୀପଲ ବ୍ୟାପକ ଉପଦ୍ରବ କରିଛନ୍ତି। ହାତୀମାନେ ଚାଷୀ ନିରଞ୍ଜନ ପତିଙ୍କ ବଗିଚା ଉଜାଡ଼ି ଦେଇଛନ୍ତି। ଏହାଦ୍ୱାରା ୫୦ରୁ ଊର୍ଦ୍ଧ୍ୱ କଦଳୀ ଗଛ, ୨୦ ଆମ୍ବଗଛ, ୬ ଗୁଣ୍ଠ କାକୁଡ଼ି, ୧୦ ଗୁଣ୍ଠ ବିଲାତି, ୧୦୦୦ରୁ ଊର୍ଦ୍ଧ୍ୱ ସୁଇଟ୍ କର୍ନ ଗଛ ନଷ୍ଟ କରିଦେଇଛନ୍ତି। ଏଥିସହ ୧୦ ବସ୍ତା ଧାନ ମଧ ନଷ୍ଟ କରିଦେଇଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଚଲାପଥ ରାସ୍ତା ଅବରୋଧ



**ଢେଙ୍କାନାଳ ଅଫିସ, ୭।୩:** ଢେଙ୍କାନାଳ ପୌରାଞ୍ଚଳର ୩ନଂ. ୱାର୍ଡ ତଥା ସଦର ତହସିଲ ଇଚ୍ଛାଦେଈପୁର ମୌଜାର ଅଧିବାସୀମାନେ ଏକ ସରକାରୀ ଜମିରେ ଥିବା ଚଲାପଥ ରାସ୍ତାକୁ ଅବରୋଧ କରାଯାଇଥିବା ଅଭିଯୋଗ କରିଛନ୍ତି। ଏଥିଲାଗି ସେମାନେ ବହୁ ସମସ୍ୟା ଭୋଗୁଥିବାବେଳେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଅଭିଯୋଗରୁ ଜଣାପଡ଼ିଛି, ଉକ୍ତ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତା ସରକାରୀ ଜାଗାରେ ପୂର୍ବରୁ ବ୍ୟବହୃତ ହେଉଥିବା ଏକ ପ୍ରଶସ୍ତ ଚଲାପଥକୁ ସଂଯୋଗ କରିଛି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ, ଦମକଳ ଗାଡ଼ି, ପୌରସଂସ୍ଥାର ଗାଡ଼ି ଯାତାୟାତ କରିଥାଏ। ହେଲେ କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଉକ୍ତ ରାସ୍ତାକୁ ଅବରୋଧ କରି ରଖିବା ଦ୍ୱାରା ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଚଲାପଥକୁ ସର୍ବସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଅବରୋଧମୁକ୍ତ କରିବାକୁ ଶୁଭସ୍ମିତା ବ୍ରହ୍ମ, ଭାଗେଶ୍ୱରୀ ସାହୁ, ସସ୍ମିତା ସାହୁ, ଝରଣା ବିଶ୍ୱାଳ, ସୁଭଦ୍ରା ମହାନ୍ତି, ମାନସ ରଞ୍ଜନ ମିଶ୍ର, ପ୍ରଶାନ୍ତ ମହାନ୍ତି, ମୋନାଲିସା ସାହୁ ପ୍ରମୁଖ ଦାବି କରିଛନ୍ତି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ରାସୋଳ, ୭।୩(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ସୁକିଆବାଉତୀ ମନ୍ଦିର ନିକଟରେ ରବିବାର ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲିବୋରେଇ ଗ୍ରାମର ଅମିତାଭ ନାଏକ। ଅମିତାଭ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଜଗବନ୍ଧୁ ନାଏକ ହିନ୍ଦୋଳରୁ ଘରକୁ ଫେରୁଥିବାବେଳେ ସୁକିଆବାଉତୀ ମନ୍ଦିର ନିକଟରେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ହିନ୍ଦୋଳ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅମିତାଭଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଜଗବନ୍ଧୁଙ୍କୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୫୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ୭ ୱାର୍ଡ କଂଗ୍ରେସ ଶୂନ୍ୟ

■ କେପିଙ୍କ ୬ନଂ. ୱାର୍ଡରେ ବି ଦଳ ଫେଲ୍

■ ଅନିମା ନାୟକ ବିଜେଡି ନଗରପାଳ ପ୍ରାର୍ଥୀ



**ଢେଙ୍କାନାଳ ଅଫିସ, ୭।୩**

ଢେଙ୍କାନାଳ ପୌର ପରିଷଦ ନିର୍ବାଚନରେ ହାତ ଟେକିଦେଲା କଂଗ୍ରେସ। ୨୦୧୩ରେ ମ୍ୟୁନିସିପାଲିଟିର ମୋଟ ୨୩ ୱାର୍ଡ ମଧ୍ୟରୁ ୧୧ ଆସନରେ ବିଜୟୀ ହୋଇ ସର୍ବବୃହତ୍ ଦଳ ପାଲଟିଥିବା ବେଳେ ଚଳିତ ନିର୍ବାଚନରେ କଂଗ୍ରେସକୁ ପ୍ରାର୍ଥୀ ମିଳିଲେ ନାହିଁ। ଫଳରେ ଦେଶର ଏହି ସର୍ବପୁରାତନ ଦଳ ୭ଟି ୱାର୍ଡରେ ପ୍ରାର୍ଥୀ ଦେଇପାରିନାହିଁ। ସମ୍ପୃକ୍ତ ୭ ୱାର୍ଡକୁ କର ଛଡ଼ା କରି ଦଳ ନିର୍ବାଚନ ପୂର୍ବରୁ ଏକପ୍ରକାର ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ତେବେ କଂଗ୍ରେସର ପ୍ରାର୍ଥୀ ନ ଦେବାକୁ ନେଇ ଚର୍ଚ୍ଚାକୁ ଆସିଛି ୬ନଂ. ୱାର୍ଡ। କାରଣ ଏହି ୱାର୍ଡର ବାସିନ୍ଦା ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂଦେଓ। ଏଭଳି ଜଣେ ପୁରୁଖା ନେତାଙ୍କ ଉପସ୍ଥିତି ସତ୍ତ୍ୱେ ଉକ୍ତ ୱାର୍ଡରୁ ଦଳ ପ୍ରାର୍ଥୀ ଦେଇ ନ ପାରିବାକୁ ନେଇ ସହରରେ ନା ନା ଆଲୋଚନା ହେଉଛି। ଏଭଳି ସ୍ଥିତିରେ ବିଜେଡି ଏବଂ ଭାଜପା ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସ୍ପଷ୍ଟ ହୋଇଛି। ଅନ୍ୟପଟେ ଦଳୀୟ ବିଦ୍ରୋହ ଆଶଙ୍କାରେ ନଗରପାଳ ପ୍ରାର୍ଥୀଙ୍କ ନାମ ଝୁଲାଇ ରଖିଥିବା ଶାସକ ବିଜେଡି ନାମାଙ୍କନ ପ୍ରକ୍ରିୟାର ଅନ୍ତିମ ଦିନରେ ଅନିମା ନାୟକଙ୍କୁ ଟିକେଟ ଦେଇଛି। ସେହିପରି ବିଜେଡିରେ ଶତାଧିକ ଆଶାୟୀ ଟିକେଟ୍ ପାଇବାକୁ ଆଶା କରିଥିବାବେଳେ ସେମାନଙ୍କୁ ଶେଷ ମୁହୂର୍ତ୍ତରେ ନିରାଶ ହେବାକୁ ପଡ଼ିଛି। ସେଥିରୁ କେତେଜଣ ଭାଜପାରେ ଯୋଗଦେଇଛନ୍ତି। ନଗର ଯୁବ ବିଜେଡି ସଭାପତି ବିନୋଦ ମହାନ୍ତି ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଭାଜପାରେ ମିଶିଥିଲେ। ତାଙ୍କ ସ୍ତ୍ରୀ ଜୁଲିନା ମହାନ୍ତି ୭ନଂ. ୱାର୍ଡରୁ ଭାଜପା କାଉନ୍‌ସିଲର ପ୍ରାର୍ଥୀ ହୋଇଛନ୍ତି। ଅନୁରୂପ ଭାବେ ବିଜେଡିର ବରିଷ୍ଠ କର୍ମକର୍ତ୍ତା ତଥା ପୂର୍ବତନ କାଉନ୍‌ସିଲର ଜ୍ଞାନଚାନ୍ଦ ମିଶ୍ର ମଧ୍ୟ ଟିକେଟ ନ ପାଇ ୩ନଂ. ୱାର୍ଡରୁ ଭାଜପା କାଉନ୍‌ସିଲର ଭାବେ ନାମାଙ୍କନ ଦାଖଲ କରିଛନ୍ତି।

କଂଗ୍ରେସ ପକ୍ଷରୁ ଅତି ତରବରିଆ ଭାବେ ପ୍ରାର୍ଥୀ ଚୂଡ଼ାନ୍ତ କରାଯାଇଥିଲା। ସବୁ ୱାର୍ଡ ପାଇଁ ପ୍ରାର୍ଥୀ ଯୋଗାଡ଼ ମଧ୍ୟ କଷ୍ଟକର ହୋଇପଡ଼ିଲା। ଏଥିଲାଗି ଦଳୀୟ କର୍ମକର୍ତ୍ତାମାନେ ଶାସକ ଦଳକୁ ଦାୟୀ କରିଛନ୍ତି। ଶାସକ ଦଳ ଅର୍ଥବଳ ଓ ବାହୁବଳ ଲଗାଇ ନିର୍ବାଚନକୁ ପ୍ରଭାବିତ କରୁଛି। ଦଳୀୟ ପ୍ରାର୍ଥୀଙ୍କୁ ଧମକଚମକ ଦେଇ ବସାଇ ଦିଆଯାଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

**ସମସ୍ତ ୨୩ ୱାର୍ଡ ବିଜେଡି ଦଖଲ କରିବ**

ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଗତ ୨୨ ବର୍ଷ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ବହୁବିଧ ଉନ୍ନତି ହୋଇଛି। ଚଳିତ ପୌର ନିର୍ବାଚନରେ ସମସ୍ତ ୨୩ ୱାର୍ଡରେ ଦଳୀୟ ପ୍ରାର୍ଥୀ ବିଜୟୀ ହେବେ।

**-ବିଧାୟକ ସୁଧୀର କୁମାର ସାମଲ**

**ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରିବ**

ପୌରାଞ୍ଚଳରେ ଯେତିକି ବିକାଶ ହେବା କଥା, ତାହା ହୋଇନାହିଁ। ଭାଜପା ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିଛି। ଭୋଟର ସଚେତନ ହେଲେଣି। ନିର୍ବାଚନରେ ଦଳ ସଂଖ୍ୟା ଗରିଷ୍ଠ ହାସଲ କରି ପୌର ପରିଷଦ ଗଠନ କରିବ।

**-ରାମଚନ୍ଦ୍ର ପାତ୍ର, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି**

**ଅଫିସରରାଜ୍ ବିରୋଧରେ ଲଢ଼େଇ ହେବ**

ନିର୍ବାଚନରେ ଶାସକ ଦଳ ପ୍ରଶାସନ କଳକୁ ଲଗାଇଛି। ଭୋଟର ଲିଷ୍ଟରୁ କଂଗ୍ରେସ ସମର୍ଥକଙ୍କ ନାମ ଜାଣିଶୁଣି କାଟି ଦିଆଯାଇଛି। ତେଣୁ ଅଫିସରରାଜ ବିରୋଧରେ ଆମର ଲଢ଼େଇ ହେବ।

**-ସରୋଜ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି**



ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜେଡି ନଗରପାଳ ପ୍ରାର୍ଥୀ ଅନିମା ନାୟକ ଓ ଅନ୍ୟମାନେ।



ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି।

## ନଗରପାଳ ପଦବୀରେ ୭ ପ୍ରାର୍ଥୀପତ୍ର



କଂଗ୍ରେସ ନଗରପାଳ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୭।୩**

ଢେଙ୍କାନାଳ ପୌର ନିର୍ବାଚନ କାଉନ୍‌ସିଲର ପଦବୀରେ ୧୦୪ ଏବଂ ନଗରପାଳ ପଦବୀ ଲାଗି ୭ ଜଣ ନାମାଙ୍କନ ଦାଖଲ କରିଛନ୍ତି। ଶେଷ ଦିବସରେ ୫ ନଗରପାଳ ପ୍ରାର୍ଥୀ ଏବଂ ୭୧ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ତନ୍ମଧ୍ୟରେ ବିଜେଡିର ୧୭, ଭାଜପାର ୧୯, କଂଗ୍ରେସର ୧୬, ଏଏପିର ୪, ଓଜେପିର ୩ ଏବଂ ସ୍ୱାଧୀନ ଭାବେ ୭ କାଉନ୍‌ସିଲର ପ୍ରାର୍ଥୀ ରହିଛନ୍ତି। ଅନ୍ତିମ ଦିନରେ ନଗରପାଳ ପଦବୀରେ ବିଜେଡିରୁ ଅନିମା ନାୟକ, କଂଗ୍ରେସରୁ ସ୍ମିତାରାଣୀ ସାମଲ, ଓଡ଼ିଶା ଜନତା ପାର୍ଟିରୁ ରାଜଲକ୍ଷ୍ମୀ ବେହେରା, ସ୍ୱାଧୀନ ଭାବେ ଗୁଡ଼ିଆ ଶର୍ମା, ମାଳତି ପାଣି ସେମାନଙ୍କ ନାମାଙ୍କନ ଭରିଥିଲେ। ଏଥିପୂର୍ବରୁ ଭାଜପାରୁ ଜୟନ୍ତୀ ପାତ୍ର, ଏଏପିରୁ ସୋନାଲି ରାଉତ ପ୍ରାର୍ଥୀପତ୍ର ଦାଖଲ କରି ସାରିଛନ୍ତି। ନାକଚ ଭୟରେ ଅଧିକାଂଶ ପ୍ରାର୍ଥୀ ୨ ସେଟ୍‌ରେ ନାମାଙ୍କନ ଦାଖଲ କରିଥିଲେ। ଆସନ୍ତା ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ୧୪ରେ ନାମାଙ୍କନ ପ୍ରତ୍ୟାହାର ଶେଷଦିନ ଥିବାବେଳେ ଅପରାହ୍ନରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଅନିମା ପୂର୍ବରୁ କାଉନ୍‌ସିଲର ସମେତ ଭାଜପା ଜିଲା ପରିଷଦ ଉପାଧ୍ୟକ୍ଷ ପଦବୀରେ ରହିଥିଲେ। ସ୍ୱାମୀ ତଥା ଭାଜପାର ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ବିଜେଡିରେ ଯୋଗଦେବା ପରେ ଅନିମା ମଧ୍ୟ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେହିପରି ଭାଜପାର ଜୟନ୍ତୀ ପାତ୍ର ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ସ୍ତ୍ରୀ। ଅନ୍ୟପଟେ କଂଗ୍ରେସର ସ୍ମିତାରାଣୀ, ଏଏପିର ସୋନାଲି, ସ୍ୱାଧୀନ ପ୍ରାର୍ଥୀ ଗୁଡ଼ିଆ, ମାଳତି, ରାଜଲକ୍ଷ୍ମୀ ନୂଆମୁହଁ। ତେବେ ନଗରପାଳ ପ୍ରାର୍ଥୀ ହୋଇଥିବା ୭୦ ବର୍ଷୀୟା ମାଳତିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପରିଣତ ବୟସରେ ଲୋକଙ୍କ ସେବା କରିବାକୁ ମନ ବଳାଇ ଏହି ବୟସ୍କା ମହିଳା ରାଜନୀତିକୁ ଓହ୍ଲାଇଛନ୍ତି।

## ବିଜେଡିରେ ମିଶିଲେ ନବନିର୍ବାଚିତ ପ୍ରତିନିଧି

**ବଇଣ୍ଡା,୭।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଦୀପ୍ତିମୟୀ ସାହୁ ଓ ସମିତିସଭ୍ୟା ମାନସୀ ପ୍ରଧାନ ସୋମବାର ବିଜେଡିରେ ଯୋଗଦେଇଛନ୍ତି। ଆଠମଲ୍ଲିକଠାରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ଉଭୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିର ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଉପସ୍ଥିତରେ ଦଳରେ ସାମିଲ ହୋଇଥିଲେ। ଉଭୟଙ୍କୁ ବିଜେଡି ଜିଲା ମହିଳା ସଭାପତି ବିଦ୍ୟୁତ୍ ଲତା ପ୍ରଧାନ ସ୍ୱାଗତ କରିଥିଲେ। ସେହିପରି ରବିବାର ନାକିଚିଠାରେ ନାକିଚି ସରପଞ୍ଚ ମନୋଜ କୁମାର ବାଘ, ସମିତିସଭ୍ୟ ଦ୍ରୌପଦୀ ନାୟକ ବିଜେଡିରେ ଯୋଗଦେଇଥିଲେ। ସେହିପରି ତୁରୁଡା ଗ୍ରାମରେ ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କ ବାସଭବନଠାରେ କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତର ସମିତିସଭ୍ୟ ବାବୁଲା ନାୟକ, ଗାଁ ବଇଣ୍ଡା ପଞ୍ଚାୟତର ସମିତିସଭ୍ୟ ସୁବଳ ନାୟକ, ହିମିତିରା ପଞ୍ଚାୟତର ସମିତିସଭ୍ୟ ପ୍ରଣବ ପ୍ରଧାନ ବିଜେଡିରେ ସାମିଲ ହୋଇଛନ୍ତି।



ବିଜେଡି କର୍ମକର୍ତ୍ତାଙ୍କ ସହ ସାମିଲ ହୋଇଥିବା ସରପଞ୍ଚ ଓ ସମିତିସଭ୍ୟା।

## ୧୫ ୱାର୍ଡରୁ ୪୫ ପ୍ରାର୍ଥୀ

**ଭୁବନ, ୭।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍ଏସିରେ ସୋମବାର ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଅନ୍ତିମ ଦିନରେ ଅଧ୍ୟକ୍ଷ ପଦବୀରେ ବିଜେଡିର ଶୁଭେନ୍ଦୁ ସାହୁ, ଭାଜପାର ନରହରି ସାହୁ, ଏଏପିର ମହେଶ୍ୱର ସାହୁ, ସିପିଆଇର ଶିବରାମ ସାହୁ, ସ୍ୱାଧୀନ ଭାବେ ଜଗବନ୍ଧୁ ପୃଷ୍ଟି ନାମାଙ୍କନ ଦାଖଲ କରିଛନ୍ତି। ଏଥିପୂର୍ବରୁ ଏହି ପଦବୀରେ କଂଗ୍ରେସରୁ ବିନୋଦ ମହାରଣା, ସ୍ୱାଧୀନ ଭାବେ ତୁଳସୀ ସାହୁ ନାମାଙ୍କନ ଦାଖଲ କରିସାରିଛନ୍ତି। ସେହିପରି ମୋଟ ୧୫ ୱାର୍ଡରୁ ୪୫ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଭରିଥିବାବେଳେ ଶେଷ ଦିନରେ ୩୭ ପ୍ରାର୍ଥୀପତ୍ର ପଡ଼ିଛି।

ଏହି ଅବସରରେ ବିଜେଡି ନେତୃବୃନ୍ଦ ଏବଂ ସମର୍ଥକଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ଭୁବନ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ଦଳୀୟ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିଲେ। ସେହିପରି ଭାଜପା ପକ୍ଷରୁ ଶ୍ରୀରାମ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହାପରେ ଭାଜପା ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ।



ଶୁଭେନ୍ଦୁ ସାହୁ ନାମାଙ୍କନ ଦାଖଲ କରୁଛନ୍ତି।

## ସବୁ ଦଳରେ ବିଦ୍ରୋହୀ

**ଢେଙ୍କାନାଳ ଅଫିସ, ୭।୩**

■ ଟିକେଟ ବଣ୍ଟନ ପରେ ଘାରିଲା ଚିନ୍ତା

■ ଦଳଡିଆଁଙ୍କ ଉପରେ ସଭିଙ୍କ ନଜର

ସରିଛି ଟିକେଟ ବଣ୍ଟନ। ନାମାଙ୍କନ ଦାଖଲ କରିଛନ୍ତି ପ୍ରାର୍ଥୀ। ହେଲେ ଏଇଠୁ ଆରମ୍ଭ ହୋଇଛି ଅସଲ ସମସ୍ୟା। ଦୀର୍ଘଦିନରୁ ଦଳୀୟ ଟିକେଟରୁ ଲଢ଼ିବାକୁ ଆଶା ବାନ୍ଧି ବସିଥିବା ଅନେକ ଆଶାୟୀଙ୍କୁ ଶେଷ ମୁହୂର୍ତ୍ତରେ ନିରାଶ ହେବାକୁ ପଡ଼ିଛି। ଅନ୍ୟ ଦଳରୁ ଆସିଥିବା ନେତା ଟିକେଟ ହାତେଇ ସେମାନଙ୍କୁ ଝଟ୍‌କା ଦେଇଛନ୍ତି। ୨୪ ତାରିଖରେ ହେବାକୁ ଥିବା ପୌର ଭୋଟ୍‌ରେ ଏହି ଅସନ୍ତୋଷ ପ୍ରତିଫଳନ ହେବା ଆଶଙ୍କା ବେଶି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ପ୍ରମୁଖ ରାଜନୈତିକ ଦଳର ନେତୃବୃନ୍ଦ। ଦଳଡିଆଁଙ୍କ ଉପରେ ସମସ୍ତେ ତୀକ୍ଷ୍ଣ ଦୃଷ୍ଟି ରଖିଥିବାବେଳେ ଏହାକୁ ନେଇ ଉଷ୍ମ ହୋଇଛି ଢେଙ୍କାନାଳ ପୌରାଞ୍ଚଳର ରାଜନୈତିକ ବାତାବରଣ।

ପୌରାଞ୍ଚଳର ୩ନଂ. ୱାର୍ଡରୁ ଗତଥର ବିଜେଡିରୁ କାଉନ୍‌ସିଲର ହୋଇଥିଲେ ଜ୍ଞାନଚାନ୍ଦ ମିଶ୍ର। ଚଳିତ ନିର୍ବାଚନରେ ସେ ଟିକେଟରୁ ବଞ୍ଚିତ ହୋଇ ଭାଜପାରେ ଯୋଗଦେଇଛନ୍ତି। ଉକ୍ତ ୱାର୍ଡରୁ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ସେହିପରି ଯୁବ ବିଜେଡି ନଗର ସଭାପତି ବିନୋଦ ମହାନ୍ତି ୭ନଂ. ୱାର୍ଡରୁ ଟିକେଟ ପାଇଁ ଆଶାୟୀ ଥିଲେ। ଉକ୍ତ ଆସନଟି ମହିଳା ବର୍ଗ ଲାଗି ସଂରକ୍ଷିତ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ସେଠାରୁ ଛିଡ଼ା କରାଇବାକୁ ସେ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ନିକଟରେ ବିଜେଡିରେ ଯୋଗଦେଇଥିବା ଭାଜପା ନଗର ମଣ୍ଡଳ ସଭାପତି ଅଜୟ ଭଞ୍ଜଙ୍କ ସ୍ତ୍ରୀଙ୍କୁ ଶାସକ ଦଳ ପକ୍ଷରୁ ଏହି ୱାର୍ଡରୁ ପ୍ରାର୍ଥୀ କରାଗଲା। ଏଥିରେ ଅସନ୍ତୁଷ୍ଟ ହୋଇ ବିନୋଦ ଭାଜପାରେ ସାମିଲ ହୋଇ ତାଙ୍କ ସ୍ତ୍ରୀ ପାଇଁ ଟିକେଟ ଆଣିବାରେ ସକ୍ଷମ ହୋଇଥିଲେ। ସେହିପରି ଭାଜପାରୁ ଇସ୍ତଫା ଦେଇଥିବା ବ୍ରହ୍ମାନନ୍ଦ ସାହୁଙ୍କ ସ୍ତ୍ରୀ ୧୭ନଂ. ୱାର୍ଡରୁ ବିଜେଡି ଟିକେଟରୁ କାଉନ୍‌ସିଲର ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ଜିଲା କଂଗ୍ରେସ ଉପସଭାପତି ପ୍ରକାଶ ଚନ୍ଦ୍ର କୁଅଁର ବିଜେଡି କାଉନ୍‌ସିଲର ପ୍ରାର୍ଥୀ ଭାବେ ୫ନଂ. ୱାର୍ଡରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଶେଷ ସମୟରେ ଟିକେଟ ପାଇଥିବା ଅନ୍ୟ ଦଳର ନେତାମାନଙ୍କୁ ଭୋଟର କେମିତି ଗ୍ରହଣ କରୁଛନ୍ତି, ତାହା ଜାଣିବାକୁ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି।

ଏ ସଂକ୍ରାନ୍ତରେ ବିଧାୟକ ସୁଧୀର କୁମାର ସାମଲ କୁହନ୍ତି, ସର୍ଭେ ଆଧାରରେ ଦଳୀୟ ସଭାପତିଙ୍କ ମୋହର ଲାଗିବା ପରେ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇଥିଲା। କ୍ଷମତା ଲୋଭରେ କେତେଜଣ ଦଳବଦଳ କରିବା ସାଧାରଣ କଥା। ସେହିପରି ଭାଜପା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ବହୁ ନେତା ଭାଜପାରେ ଯୋଗଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ କହିଲେ, ଦଳ ପକ୍ଷରୁ ଚୟନ କରାଯାଇଥିବା ପ୍ରାର୍ଥୀଙ୍କ ନାମ ଚଞ୍ଚକତା କରାଯାଇ କାଟି ଦିଆଯାଇଛି। ନିର୍ବାଚନ ପରେ ଏହି ପ୍ରସଙ୍ଗ ଉଠାଯିବ।

## କାଉନ୍‌ସିଲର ପଦବୀରେ ୩୦ ନାମାଙ୍କନ





ଭାଜପାର ରଣଜିତ୍ ସାହୁ ନାମାଙ୍କନ ଦାଖଲ କରୁଛନ୍ତି। କଂଗ୍ରେସର ସନ୍ତୋଷ ମହାରଣା ମନୋନୟନ ପତ୍ର ଦାଖଲ କରୁଛନ୍ତି।

**କାମାକ୍ଷାନଗର, ୭।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପୌର ନିର୍ବାଚନ ଲାଗି ସୋମବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ନଗରପାଳ ପଦବୀ ଲାଗି ବିଜେଡିର ଧର୍ମାନନ୍ଦ ପରିଡ଼ା, ଭାଜପାର ରଣଜିତ୍ ସାହୁ, କଂଗ୍ରେସର ସନ୍ତୋଷ ମହାରଣା ଏବଂ ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ନାଏକ ନାମାଙ୍କନ ଦାଖଲ କରିଛନ୍ତି। ୧୫ ୱାର୍ଡରୁ ମୋଟ ୩୦ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ମନୋନୟନ ପତ୍ର ଦାଖଲ କରିଛନ୍ତି।

ନାମାଙ୍କନ ଦାଖଲର ଅନ୍ତିମ ଦିବସରେ ସୋମବାର କଂଗ୍ରେସର ନଗରପାଳ ପ୍ରାର୍ଥୀ ସନ୍ତୋଷ ମହାରଣା ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ୨ନଂ. ୱାର୍ଡରୁ ଗୀତାଞ୍ଜଳି ନାୟକ, ୧୨ନଂ. ୱାର୍ଡରୁ ମନୋଜ ପରିଡ଼ା, ୧୩ନଂ. ୱାର୍ଡରୁ ସୌମ୍ୟରଞ୍ଜନ ଷଣ୍ଢ, ୧୪ନଂ.ରୁ ସ୍ମିତାରାଣୀ ରାଉତ କାଉନ୍‌ସିଲ ପଦବୀ ଲାଗି ମନୋନୟନପତ୍ର ଦାଖଲ କରିଛନ୍ତି। ଏହାକୁ ବାଦ୍‌ଦେଲେ ଅନ୍ୟ ସବୁ ୱାର୍ଡ କଂଗ୍ରେସ ପ୍ରାର୍ଥୀ ବିହୀନ ରହିଛି।

**କାମାକ୍ଷାନଗର ଏନ୍ଏସି**

ସେହିପରି ପ୍ରାର୍ଥୀ ଚୟନ, ରଣନୀତି ପ୍ରସ୍ତୁତିକୁ ନେଇ ଏନ୍ଏସି ଭାଜପାରେ ଅନ୍ତଃକନ୍ଦଳ କୁହୁଳୁଛି। ନଗରପାଳ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିବା ଅଶ୍ୱିନୀ କୁମାର ମହାପାତ୍ର ଶେଷ ମୁହୂର୍ତ୍ତରେ ଇସ୍ତଫା ଦେବା ଦଳ ପାଇଁ ଅଡୁଆ ବଢ଼ିଥିଲା। ଏଭଳି ସମୟରେ ରଣଜିତ୍ ସାହୁଙ୍କୁ ଦଳ ପକ୍ଷରୁ ନଗରପାଳ ପ୍ରାର୍ଥୀ କରାଯାଇଛି। ସେ ମଧ୍ୟ ସୋମବାର ନିଜ ସମର୍ଥକଙ୍କ ଗହଣରେ ନାମାଙ୍କନ ଭରିଛନ୍ତି। ସେହିପରି ୨ନଂ. ୱାର୍ଡରୁ ଜିଲି ମହାଲିକ, ୩ନଂ.ରୁ ମଧୁସ୍ମିତା ସାହୁ, ୪ନଂ.ରୁ ଦ୍ରୁପଦି ରାଉତ, ୫ନଂ.ରୁ ବିମଳ ରାଉତ, ୮ନଂ.ରୁ ଭାରତୀ ମୁଦୁଲି, ୯ନଂ.ରୁ ସୁରେଶ ଚନ୍ଦ୍ର ନାଥ, ୧୦ନଂ.ରୁ ମାଳତୀ ମଲ୍ଲିକ, ୧୧ନଂ.ରୁ କମଳିନୀ ଖୁଣ୍ଟିଆ, ୧୨ନଂ.ରୁ ସିପୁନ ସାହୁ, ୧୩ନଂ. ରାଜେନ୍ଦ୍ର ଷଣ୍ଢ ଏବଂ ୧୪ନଂ.ରୁ ଦୀପ୍ତିମୟୀ ଖୁଣ୍ଟିଆ କାଉନ୍‌ସିଲର ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ନାମାଙ୍କନ ଦାଖଲ କରିଛନ୍ତି। ୧, ୬, ୭ ଏବଂ ୧୫ନଂ. ୱାର୍ଡରେ ଭାଜପା କାହାରିକୁ ପ୍ରାର୍ଥୀ ଦେଇନାହିଁ।

ଅପରପକ୍ଷେ କେବଳ ୧୫ନଂ.କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ୱାର୍ଡରେ ବିଜେଡି ଦଳୀୟ ପ୍ରାର୍ଥୀ ଦେଇଛି। କାରଣ ଏହି ୱାର୍ଡର କାଉନ୍‌ସିଲର ପଦବୀ ଅନୁସୂଚିତ ଜାତି ପାଇଁ ସଂରକ୍ଷଣ ଥିବାବେଳେ ଉକ୍ତ ବର୍ଗର କେହିନାହାନ୍ତି। ଶେଷ ଦିନରେ ବିଜେଡିର ୧ନଂ. ୱାର୍ଡରୁ ଶୁକଦେବ ସାହୁ ନାମାଙ୍କନ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନ ଭାବେ ଅଧ୍ୟକ୍ଷ ପଦବୀ ଲାଗି ଅଭିମନ୍ୟୁ ନାଏକ ଏବଂ ୪ନଂ. ୱାର୍ଡରୁ ସ୍ୱାଧୀନ ଭାବେ ସ୍ୱାଗତିକା ନାଏକ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ୩ ଆସନରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

ନିର୍ବାଚନ ପୂର୍ବରୁ କାମାକ୍ଷାନଗର ଏନ୍ଏସିର ୩ ବିଜେଡି କାଉନ୍‌ସିଲର ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଛନ୍ତି। ସେମାନେ ହେଲେ ୧ନଂ. ୱାର୍ଡର ଶୁକଦେବ ସାହୁ, ୬ନଂ. ୱାର୍ଡର ଅଭିମନ୍ୟୁ ପରିଡ଼ା, ୭ନଂ. ୱାର୍ଡର ରିଙ୍କି ବେହେରା। ତେବେ ନାମାଙ୍କନ ପତ୍ର ଯାଞ୍ଚ ପରେ ସେମାନଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାଏକ, ନଗରପାଳ ପ୍ରାର୍ଥୀ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ସମ୍ପୃକ୍ତ ୩ଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ସହ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ଏବଂ ନଗରପାଳ ପ୍ରାର୍ଥୀ ଧର୍ମାନନ୍ଦ ପରିଡ଼ା।

